# NATIONAL NEWS BULLETIN (ODIA)

**16 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଆସନ୍ତାକାଲି ପ୍ରାୟ ୧୧ ହଜାର କୋଟି ଟଙ୍କାର ୨ଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

- ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସପ୍ତମ ପୁଣ୍ୟତିଥି ଅବସରରେ ଦେଶ ଜଣାଉଛି ଶ୍ରଦ୍ଧାଞ୍ଜଳି

- ଦେଶର ବିଭିନ୍ନ ଭାଗରେ ଆଜି ପାଳନ କରାଯାଉଛି ଜନ୍ମାଷ୍ଟମୀ, ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

- ପ୍ରବଳ ବର୍ଷା ଜନିତ ବନ୍ୟା ଯୋଗୁଁ ଉତ୍ତର ପାକିସ୍ତାନରେ ୩୨୧ ଜଣଙ୍କର ମୃତ୍ୟୁ

ଏବଂ

- ଓଡ଼ିଶା, ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗର ସୂଚନା

## ପିଏମ୍-ଦିଲ୍ଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରାୟ ୧୧ ହଜାର କୋଟି ଟଙ୍କାର ୨ଟି ପ୍ରମୁଖ ଜାତୀୟ ରାଜପଥ ପ୍ରକଳ୍ପର ଉଦ୍‌ଘାଟନ କରିବେ । ସେଥିମଧ୍ୟରେ ଦ୍ୱାରିକା ଏକ୍ସପ୍ରେସ୍‌ର ଦିଲ୍ଲୀ ସେକ୍ସନ ଏବଂ ସହରାଞ୍ଚଳ ସଂପ୍ରସାରଣ ରାସ୍ତାର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦିଲ୍ଲୀରେ ଟ୍ରାଫିକ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ଯୋଜନା ଅଧୀନରେ ଏହି ପ୍ରକଳ୍ପ ଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ସଡ଼କ ଯୋଗାଯୋଗକୁ ଅଧିକ ସୁସଂହତ କରିବା, ଯାତ୍ରା ସମୟକୁ ହ୍ରାସ କରିବା ଏବଂ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଭିଡ଼ କମ୍ କରିବାରେ ଏହି ପ୍ରକଳ୍ପ ସହାୟକ ହେବ ବୋଲି କୁହାଯାଉଛି । ଏହି ଅବସରରେ ଜନସମାବେଶକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

## ରାଷ୍ଟ୍ରପତି - ଅମୃତ ଉଦ୍ୟାନ

ରାଷ୍ଟ୍ରପତି ଭବନରେ 'ଅମୃତ ଉଦ୍ୟାନ' ଆଜିଠାରୁ ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍ୟାନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ । ଆସନ୍ତା ମାସ ୧୪ ତାରିଖ ପର୍ଯ୍ୟନ୍ତ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି ଜଣାପଡ଼ିଛି । ଆସନ୍ତା ୨୯ ତାରିଖ କ୍ରୀଡ଼ା ଦିବସ ଏବଂ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସ ଅବସରରେ କ୍ରୀଡ଼ାବିତ୍ ଓ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ପ୍ରବେଶର ସୁଯୋଗ ମିଳିବ । ଉଦ୍ୟାନ ପଥରେ ବାଲ୍‌ବାଟିକା, ହର୍ବାଲ୍ ଗାର୍ଡ଼େନ୍ ଆଦି ଅନ୍ତର୍ଭୁକ୍ତ । ଅମୃତ ଉଦ୍ୟାନକୁ ପ୍ରବେଶ ନିଃଶୁଳ୍କ ରହିଥିବାବେଳେ ରକ୍ଷଣାବେକ୍ଷଣ ପାଇଁ ପ୍ରତି ସୋମବାର ବନ୍ଦ ରହିବ ।

## ବାଜପେୟୀ

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସପ୍ତମ ପୁଣ୍ୟତିଥି ଆଜି ପାଳନ କରାଯାଉଛି । ୨୦୧୮ ମସିହା ଅଗଷ୍ଟ ୧୬

ତାରିଖରେ ଏହି ମହାନ୍ ନେତା ଶେଷନିଶ୍ୱାସ ତ୍ୟାଗ କରିଥିଲେ । ଏ ସଂପର୍କରେ ଏକ ରିପୋର୍ଟ :

ଅଟଳବିହାରୀ ବାଜପେୟୀ ୩ଥର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ପ୍ରଥମ କାର୍ଯ୍ୟକାଳରେ ୧୯୯୬ ମସିହାରେ ମାତ୍ର ୧୩ ଦିନ ପାଇଁ ସେ ପ୍ରଧାନମନ୍ତ୍ରୀ ହୋଇଥିଲେ । ଏହା ପରେ ୧୯୯୮ରୁ ୧୯୯୯ ପର୍ଯ୍ୟନ୍ତ ୧୩ ମାସ ପାଇଁ ଏବଂ ୧୯୯୯ରୁ ୨୦୦୪ ପର୍ଯ୍ୟନ୍ତ ତୃତୀୟ କାର୍ଯ୍ୟକାଳରେ ପୂର୍ଣ୍ଣସମୟ ସେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୧୫ ମସିହାରେ ଅଟଳବିହାରୀ ବାଜପେୟୀଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ **ଭାରତ ରତ୍ନ**ରେ ସମ୍ମାନିତ କରାଯାଇଥିଲା । ନୂଆଦିଲ୍ଲୀସ୍ଥିତ ତାଙ୍କ ସ୍ମାରକୀ ସଦୈବ ଅଟଳରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଆଜି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

ଜଣେ ସାଂସଦ ଭାବରେ ବିଶେଷକରି ପ୍ରଧାନମନ୍ତ୍ରୀ ଭାବରେ ଶ୍ରୀ ବାଜପେୟୀ ଦେଶର ପ୍ରଗତିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ ସଂସ୍କାର ଏବଂ ଭିତ୍ତିଭୂମିର ଦୃଢ଼ ବିକାଶ ମାଧ୍ୟମରେ ଦେଶରେ ଏକ ସୁଦୃଢ଼ ଅର୍ଥନୀତି ପାଇଁ ମୂଳଦୁଆ ପକାଇଥିଲେ । ତାଙ୍କ ନେତୃତ୍ୱରେ ଭାରତ ସଫଳତାର ସହିତ ପୋଖରାନ-୨ ପରମାଣୁ ପରୀକ୍ଷଣ କରିଥିଲା ।

*୧୯୯୮ରେ ଏହି ସଫଳ ପରୀକ୍ଷଣ ପରେ ଭାରତ ଏକ ପରମାଣୁସଂପନ୍ନ ରାଷ୍ଟ୍ର ଭାବେ ବିଶ୍ୱରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଥିଲା । ୧୯୨୪ ମସିହା ଡିସେମ୍ବର ୨୫ ତାରିଖରେ ମଧ୍ୟପ୍ରଦେଶର ଗ୍ୱାଲିୟର୍‌ଠାରେ ତାଙ୍କର ଜନ୍ମ ହୋଇଥିଲା । ଜଣେ ବିଦ୍ୱାନ ରାଜନେତା ଭାବେ ସେ ବିଭିନ୍ନ ମହଲରେ ପରିଚିତ ଥିଲେ । ୧୯୭୭ ମସିହାରେ ଶ୍ରୀ ବାଜପେୟୀ ଜାତିସଂଘରେ ପ୍ରଥମଥର ପାଇଁ ହିନ୍ଦୀରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।*

*(ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ)*

---

## ଫାସ୍‌ଟ୍ୟାଗ୍ ଆନୁଆଲ୍ ପାସ୍

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ - ଏନ୍.ଏଚ୍.ଏ.ଆଇ. ଦେଶର ପ୍ରାୟ ୧ ହଜାର ୧୫୦ଟି ଟୋଲ୍ ପ୍ଲାଜାରେ ଫାସ୍‌ଟ୍ୟାଗ୍ ବାର୍ଷିକ ପାସ୍ ସୁବିଧା କାର୍ଯ୍ୟକାରୀ କରିଛି । ୭୯ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଗତକାଲିଠାରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ସୁବିଧା କାର୍ଯ୍ୟକାରୀ ହେବାର ପ୍ରଥମ ଦିନ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ୧ ଲକ୍ଷ ୪୦ ହଜାରରୁ ଅଧିକ ଉପଭୋକ୍ତା ବାର୍ଷିକ ପାସ୍ କିଣି ସକ୍ରିୟ କରିଛନ୍ତି । ଟୋଲ୍ ପ୍ଲାଜାରେ ଏହି ସମୟ ମଧ୍ୟରେ ପ୍ରାୟ ୧ ଲକ୍ଷ ୪୦ ହଜାର କାରବାର ରେକର୍ଡ଼ କରାଯାଇଛି । ପାସ୍ ବ୍ୟବହାରକାରୀମାନଙ୍କୁ ସୂଚନା ଦେବାଲାଗି ପ୍ରତ୍ୟେକ ଟୋଲ୍ ପ୍ଲାଜାରେ ଏନ୍.ଏଚ୍.ଏ.ଆଇ. ଅଧିକାରୀ ଓ ନୋଡାଲ୍ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି ।

ସୂଚନା ଅନୁଯାୟୀ, ବାର୍ଷିକ ୩ ହଜାର ଟଙ୍କାର ଏକକାଳୀନ ଶୁଳ୍କ ପ୍ରଦାନଦ୍ୱାରା ବାରମ୍ବାର ଫାସ୍‌ଟ୍ୟାଗ୍ ରିଚାର୍ଜ କରିବାକୁ ପଡ଼ିବ ନାହିଁ । ଏହି ପାସ୍

ଜରିଆରେ ଗୋଟିଏ ବର୍ଷ କିମ୍ବା ୨୦୦ଟି ଟୋଲ୍ ପ୍ଲାଜା ଅତିକ୍ରମ କରିବା ସୁବିଧା ରହିଛି ।

## ଜନ୍ମାଷ୍ଟମୀ

ଭଗବାନ୍ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ-ଜନ୍ମାଷ୍ଟମୀ ପର୍ବ ଆଜି ଦେଶର ବିଭିନ୍ନ ଭାଗରେ ପାଳନ କରାଯାଉଛି । ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରାର୍ଥନା କରିବା ଲାଗି ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କ ଗହଳି ଲାଗିରହିଛି । ଉତ୍ତର ପ୍ରଦେଶର ମଥୁରା ଏବଂ ବୃନ୍ଦାବନ ଶ୍ରୀକୃଷ୍ଣ ଜନ୍ମ ପାଳନ ଲାଗି ପ୍ରସ୍ତୁତ ରହିଛି । ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ବାଙ୍କେବିହାରୀ ମନ୍ଦିର, ପ୍ରେମ୍ ମନ୍ଦିର, ଇସ୍କନ୍ ମନ୍ଦିର ଏବଂ ଶ୍ରୀକୃଷ୍ଣ ଜନ୍ମଭୂମି ମନ୍ଦିରକୁ ସୁନ୍ଦର ଭାବରେ ସଜାଯାଇଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନ୍ମାଷ୍ଟମୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜନ୍ମାଷ୍ଟମୀ ସମସ୍ତଙ୍କପାଇଁ ଆନନ୍ଦ ଏବଂ ଉତ୍ସାହର ପର୍ବ ହେଉ ବୋଲି ରାଷ୍ଟ୍ରପତି କାମନା କରିଛନ୍ତି । ସେ କହିଛନ୍ତି, ଭଗବାନ୍ ଶ୍ରୀକୃଷ୍ଣଙ୍କ ଜୀବନ ଏବଂ ଶିକ୍ଷା ଲୋକମାନଙ୍କୁ ଆତ୍ମବିକାଶ ଓ ଆତ୍ମଦର୍ଶନପାଇଁ ପ୍ରେରଣା ଦେଇଥାଏ । ରାଷ୍ଟ୍ରପତି କହିଛନ୍ତି, ପ୍ରଭୁ ଶ୍ରୀକୃଷ୍ଣ ଧର୍ମର ପଥ ଅନୁସରଣ କରି ପରମ ସତ୍ୟ ପ୍ରାପ୍ତି ବିଷୟରେ ମାନବତାକୁ ଆଲୋକିତ କରିଥିଲେ । ଏହି ପର୍ବ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କଦ୍ୱାରା ଅନନ୍ତ ମୂଲ୍ୟବୋଧକୁ ଗ୍ରହଣ କରିବା ଲାଗି ଜନମାନସକୁ ପ୍ରେରଣା ଦେଇଥାଏ ବୋଲି କହିବା ସହ ସମାଜ ଓ ରାଷ୍ଟ୍ରକୁ ଆହୁରି ମଜବୁତ କରିବା ଲାଗି ସଙ୍କଳ୍ପ ନେବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ବିଶ୍ୱାସ, ସମୃଦ୍ଧି ଓ

ଧାର୍ମିକ ପରମ୍ପରାର ଏହି ପର୍ବ ଦେଶବାସୀଙ୍କ ଜୀବନରେ ଅଧିକ ଉତ୍ସାହ ଭରିଦେଉ ବୋଲି କାମନା କରିଛନ୍ତି ।

## ଜୟଶଙ୍କର-ସାଉଥକୋରିଆ ଏଫ୍ଏମ୍

ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ଦକ୍ଷିଣ କୋରିଆ ନିନ୍ଦା କରିଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏଥିପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି । ନୂଆଦିଲ୍ଲୀଠାରେ ଆଜି ଦକ୍ଷିଣ କୋରିଆ ପ୍ରତିପକ୍ଷ ଚୋ ହ୍ୟୁନ୍ ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ପ୍ରତିରକ୍ଷା, ସୁରକ୍ଷା, ବ୍ୟବସାୟ, ଅର୍ଥନୀତି, ଯୋଗାଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ଉଭୟ ପକ୍ଷଙ୍କ ମଧ୍ୟରେ ମତ ବିନିମୟ ହୋଇଛି । କୋରିଆର ଜାତୀୟ ମୁକ୍ତି ଦିବସ ଅବସରରେ ଡକ୍ଟର ଜୟଶଙ୍କର’ ହ୍ୟୁନ୍‌ଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପାକ୍-ଫ୍ଲଡ୍

ପ୍ରବଳ ବର୍ଷା ଜନିତ ବନ୍ୟା ଯୋଗୁଁ ଉତ୍ତର ପାକିସ୍ତାନରେ ଗତ ୪୮ ଘଣ୍ଟା ମଧ୍ୟରେ ୩୨୧ ଜଣଙ୍କର ମୃତ୍ୟୁ ହୋଇଛି । ସେଠାକାର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ, ପାର୍ବତ୍ୟାଞ୍ଚଳର ଖାଇବରପଖତ୍ୱାନ୍ ପ୍ରଦେଶରେ ୩୦୭ ଜଣଙ୍କର ମୃତ୍ୟୁ ହୋଇଛି । ପିଓକେ ଅଞ୍ଚଳରେ ୯ଜଣଙ୍କର ଏବଂ ଉତ୍ତର ଗିଲ୍‌ଗିଟ୍-ବାଲ୍‌ଟିସ୍ଥାନ ଅଞ୍ଚଳରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।

ପାକିସ୍ତାନର ପାଣିପାଗ ବିଭାଗ ଦେଇଥିବା ସୂଚନା ଅନୁଯାୟୀ, ଉତ୍ତର-ପଶ୍ଚିମ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ସେଠାକାର ଜିଲ୍ଲା ପ୍ରଶାସନ ଏବଂ ଅଧିବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ବୁନେର୍, ବାଜୌର, ସ୍ୱାତ୍, ସାଂଗଲା, ମାଲ୍‌ସେହରା

ଏବଂ ବଙ୍ଗ୍ରାମ ଆଦି ପାହାଡ଼ିଆ ଜିଲ୍ଲାକୁ ସେଠାକାର ପ୍ରାଦେଶିକ ସରକାର ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି । ପାକିସ୍ତାନର ପ୍ରଭାବିତ ୯ଟି ଜିଲ୍ଲାରେ ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟରେ ୨ ହଜାରରୁ ଅଧିକ ଉଦ୍ଧାରକାରୀ ସାମିଲ ହୋଇଛନ୍ତି ।

---

## ପାଣିପାଗ

କୋଙ୍କଣ ଏବଂ ଗୋଆରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଆକାଶବାଣୀ ସମ୍ବାଦ ବିଭାଗ ସହ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଡକ୍ଟର ଆର୍.କେ ଜେନାମଣି କହିଛନ୍ତି, ମୁମ୍ବାଇ, କୋଙ୍କଣ, ଗୋଆ, ଦକ୍ଷିଣ ମହାରାଷ୍ଟ୍ର ଏବଂ ତତ୍‌ସଂଲଗ୍ନ ଗୁଜରାଟ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି । ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ରପ୍ରଦେଶରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି :

**V/O**

---

## ଟ୍ରମ୍ପ-ପୁଟିନ୍ ମିଟିଙ୍ଗ୍

ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ୍ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ୟୁକ୍ରେନ-ରୁଷ୍ ବିବାଦର ସମାଧାନପାଇଁ କୌଣସି ନିଷ୍କର୍ଷ ବାହାରିପାରି ନାହିଁ । ଆଲାସ୍କାର ଆଙ୍କୋରେଜ୍'ରେ ଥିବା ଏଲମେଣ୍ଡର୍ଫ-ରିଚାର୍ଡ୍‌ସନ୍ ସାମରିକ ଘାଟିରେ ପ୍ରାୟ ୩ ଘଣ୍ଟା ଧରି ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।  ବୈଠକ ପରେ ରୁଷ୍ ରାଷ୍ଟ୍ରପତି ଶ୍ରୀ ପୁଟିନ୍ କହିଛନ୍ତି, ସେମାନଙ୍କ ମଧ୍ୟରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ୟୁକ୍ରେନ୍

ବିବାଦ । ସେ ଏହି ସଂଘର୍ଷର ଶେଷ କରିବାକୁ ଆଗ୍ରହୀ ଥିବା କହିଥିଲେ । ଶ୍ରୀ ପୁଟିନ୍ କହିଥିଲେ, ରୁଷ୍‌କୁ ଏହି ସଂଘର୍ଷର ପ୍ରାଥମିକ କାରଣଗୁଡ଼ିକ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି । ତେବେ ସେ ୟୁକ୍ରେନ୍ ଏବଂ ୟୁରୋପକୁ ଶାନ୍ତି ସ୍ଥାପନ ଦିଗରେ କୌଣସି ଅସୁବିଧା ସୃଷ୍ଟି ନ କରିବାଲାଗି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ୍ ଏହି ବୈଠକକୁ ଅତ୍ୟନ୍ତ ଫଳପ୍ରଦ ବୋଲି କହିଛନ୍ତି । ସେ କହିଛନ୍ତି, ଉଭୟ ଆମେରିକା ଏବଂ ରୁଷ୍ ଆଗାମୀ ଦିନରେ ଅଧିକ ଆଲୋଚନା କରିବା ଲାଗି ଏହି ବୈଠକ ପରେ ସମ୍ଭାବନା ସୃଷ୍ଟି ହୋଇଛି । ସେ କହିଛନ୍ତି, ଆଗାମୀ ଦିନରେ ସେ ୟୁକ୍ରେନ୍ ସମେତ ନାଟୋ ସଦସ୍ୟମାନଙ୍କୁ ମଧ୍ୟ ସାମିଲ୍ ହେବା ଲାଗି ପ୍ରସ୍ତାବ ଦେବେ ।